# ୨୧ରୁ ୨୭ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା

ନବରଙ୍ଗପୁର,୨୮।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା କରାଯିବ। ଏନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଯଦୁମଣି ନାଏକ, ଡିପିସି ମିଶନ ଶକ୍ତି ନିରଞ୍ଜନ ଟାଙ୍ଗାରାଙ୍ଗା, ଓରମାସ ସହକାରୀ ସିଇଓ ରୋସନ୍ କାର୍ତ୍ତିକ, ଡିଆଇପିଆର୍‌ଓ ମନୋଜ ବେହେରା, ନବରଙ୍ଗପୁର ବିଡିଓ ସୁନିଲ ଖୁରା, ଡିସିଓ ଘାସିରାମ ହରିଜନ, ଇଓ ମ୍ୟୁନିସିପାଲଟି ଅଶୋକ କର୍ଣ୍ଣ, ସମାଜ କଲ୍ୟାଣ କାର୍ଯ୍ୟାଳୟ ଅଧିକାରୀ ରମା ପଟ୍ଟନାୟକ, ଜିଲା ପରିଷଦ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସୁଭଦ୍ରା ଶକ୍ତି ମେଳାରେ ୧୨୦ ଷ୍ଟଲ ରହିବ। ଯେଉଁଥିରେ ୫୦ ପ୍ରତିଶତ ଏସ୍‌ଏଚ୍‌ଜି ଷ୍ଟଲ ଓ ଅନ୍ୟ ସବୁ ଷ୍ଟଲ ବିଭାଗୀୟ, ନୂତନ ଏସ୍‌ଏଚ୍‌ଜି, ଖାଦ୍ୟ ଷ୍ଟଲର ବ୍ୟବସ୍ଥା କରାଯାଉଛି। ଉତ୍ପାଦଗୁଡ଼ିକର ଉଚ୍ଚମାନର ପ୍ୟାକିଂ, ଲେବେଲିଂ, ବ୍ରାଣ୍ଡିଂ ପାଇଁ ଗୁରୁତ୍ୱ ଦିଆଯାଇଛି। ଏସ୍‌ଏଚ୍‌ଜି ଗ୍ରୁପ୍ ମିଲେଟ, ହସ୍ତତନ୍ତ ଏବଂ ଅନ୍ୟ ଦେଶୀୟ ଖାଦ୍ୟ, ଘରକରଣା ଜିନିଷ ସୁଭଦ୍ରା ଶକ୍ତି ବ୍ରାଣ୍ଡରେ ବିକ୍ରୀ କରିବେ। ପ୍ରତ୍ୟେକ ବିକ୍ରୟ ପଦାର୍ଥରେ ଏମ୍‌ଆର୍‌ପି, ଓଜନ, ବୀବରଣୀ, ପ୍ରସ୍ତୁତ ତାରିଖ, ପ୍ରସ୍ତୁତକାରୀ ସଂସ୍ଥାର ନାମ ରହିବ। ସମସ୍ତ ପଦାର୍ଥ କ୍ୟୁଆର କୋର୍ଡ ଡିଜିଟାଲ ଅର୍ଥରେ ବିକ୍ରୟ କରାଯିବାର ବ୍ୟବସ୍ଥା କରାଯାଉଛି। ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ।



ବୈଠକରେ ଆଲୋଚନା କରାଯାଉଛି।

**ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳାର ପ୍ରସ୍ତୁତି ବୈଠକ**

- ଲାଗିବ ୧୨୦ ଷ୍ଟଲ
- ଜିନିଷରେ ଏମ୍‌ଆର୍‌ପି, ଓଜନ, ପ୍ରସ୍ତୁତକାରୀ ସଂସ୍ଥାର ନାମ ରହିବା ବାଧ୍ୟତାମୂଳକ

# ନବରଙ୍ଗପୁରରେ ୮ ଘଣ୍ଟିଆ ବନ୍ଦ ଆଂଶିକ ସଫଳ

**ଧାନ କିଣାରେ ଅବ୍ୟବସ୍ଥା, ପ୍ରଦୂଷଣ ସାର୍ଟିଫିକେଟ ଆଳରେ ମାତ୍ରାଧିକ ତଣ୍ଡ ଆଦାୟ ଓ ସ୍ମାର୍ଟ ମିଟର ଲଗାଇବା ବିରୋଧରେ ନବ ନିର୍ମାଣ କୃଷକ ସଂଘ ପକ୍ଷରୁ ବୁଧବାର ସକାଳ ୬ରୁ ଅପରାହ୍ନ ୨ଟା ଯାଏ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଡାକରାର ଆଂଶିକ ପ୍ରଭାବ ନବରଙ୍ଗପୁର ଜିଲାରେ ଦେଖାଦେଇଛି। ଡାକରାକୁ କଂଗ୍ରେସ ସମର୍ଥନ କରୁଥିଲା। ସହରର ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଥିଲେ। କେତେକସ୍ଥାନରେ ପିକେଟିଂ କରି କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା।**



ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ସରୁଗୁଡ଼ା ଲୁହା ବ୍ରିଜରେ ଧାନବସ୍ତା ରଖି ଆନ୍ଦୋଳନ କରାଯାଉଛି।

ନବରଙ୍ଗପୁର/ଚନ୍ଦାହାଣ୍ଡି/ ତେନ୍ତୁଲିଖୁଣ୍ଟି/ ନନ୍ଦାହାଣ୍ଡି,୨୮।୧(ସଦାଶିବ ପ୍ରହରାଜ/ ହିମାଂଶୁ ଦାସ/ ଚିଦାନନ୍ଦ ସାହୁ/ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ସହରରେ ଏହି ୮ ଘଣ୍ଟିଆ ବନ୍ଦ ପ୍ରଭାବ ଶୁନ୍ୟ ଥିଲା। ସବୁଠି ଗାଡ଼ି ଚଳାଚଳ ସ୍ୱାଭାବିକ ଥିବାବେଳେ ଦୋକାନ ବଜାର ମଧ୍ୟ ଖୋଲା ରହିଥିଲା। ଚନ୍ଦାହାଣ୍ଡି ବ୍ଲକ ଅଞ୍ଚଳରେ ବନ୍ଦ ପ୍ରଭାବ ଦେଖାଦେଇଥିଲା। ଆନ୍ଦୋଳନକାରୀମାନେ ଚନ୍ଦାହାଣ୍ଡି-ନବରଙ୍ଗପୁର-କଳାହାଣ୍ଡି ସଂଯୋଗ କରିଥିବା ରାସ୍ତା ଅବରୋଧ କରିଥିଲେ। ପୂର୍ବାହ୍ନ ୧୦ଟାରେ ଆନ୍ଦୋଳନକାରୀମାନେ ପିକେଟିଂ କରି ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ବନ୍ଦ କରିଥିଲେ। ବରିଷ୍ଠ କଂଗ୍ରେସ ନେତା କ୍ଷେମରାଜ ବାଘଙ୍କ ନେତୃତ୍ୱରେ ହୁମେଶ୍ୱର ହଂସ, ଗୌରୀଶଙ୍କର ସେଠୀ, ଗଗନେଶ୍ୱର ଚୌହାନ, କୃଷ୍ଣ ବାଘ, ପିଙ୍କୁ ସେର, ପୀତମ୍ ସେର, ମନ୍ଟୁ ବାଘ,ଅଜୟ ବାଘ,କୀର୍ତ୍ତନ ସୁନାନୀ, ଲିପୁନ ଚୌହାନ, ମେଘ ନାଥ ବାଘ, ସୁବେସ ଚୌହାନ ପ୍ରମୁଖଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି। ଚନ୍ଦାହାଣ୍ଡି ଥାନାଧିକାରୀ ଯୁଗଳ କିଶୋର ସା ଙ୍କ ନେତୃତ୍ୱରେ ସମସ୍ତ ଛକରେ ପୋଲିସ ମୁତୟନ ଥିଲେ।

ତେନ୍ତୁଲିଖୁଣ୍ଟିରେ ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲଙ୍କ ନେତୃତ୍ୱରେ ଚାଷୀ ଓ ଦଳୀୟ କର୍ମୀମାନେ ସକାଳୁ ୬ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କୁର୍ମାକୋଟ ଛକରେ ଗାଡ଼ିମୋଟର ରଖି ରାସ୍ତା ଅବରୋଧ କରିଥିଲେ। ସେମାନେ ବ୍ଲକର ସମସ୍ତ ସରକାରର ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ତେନ୍ତୁଲିଖୁଣ୍ଟିରେ ଦୋକାନ ବଜାର ବନ୍ଦ ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବନ୍ଦ କୁ ଭୀମସେନ ପାଣିଗ୍ରାହୀ, କିଶୋର ସିଂ, ସୁନୀଲ ସିଂ, ନବୀନ କର୍କରା, ଅଜୟ ହିଆଲ, ଭାସ୍କର ଖୁରା, ବିଶ୍ୱନାଥ ସିଂ, ମଣ୍ଟୁ ଭତରା, ମୋହନ କର୍କରା, ମନ ସନ୍ତା, ଗଜେନ୍ଦ୍ର ସଗରିଆ ପ୍ରମୁଖ ସାମିଲ ଥିଲେ। ଥାନାଧିକାରୀ ପ୍ରଣବ କୁମାର ଟୁଡୁଙ୍କ ନେତୃତ୍ୱରେ ପୋଲିସ ମୁତୟନ ଅଛନ୍ତି।

**ମଣ୍ଡି ସମସ୍ୟା ଓ ସ୍ମାର୍ଟ ମିଟର କୁ ନେଇ ନନ୍ଦାହାଣ୍ଡିରେ ୮ଘଣ୍ଟା ଅଖ ଚକ ବନ୍ଦ**

ନନ୍ଦାହାଣ୍ଡି ବ୍ଲକରେ ଶହଶହ ଚାଷୀ ଓ କଂଗ୍ରେସ ଦଳର ନେତା ଓ କର୍ମୀ ରାସ୍ତାକୁ ଓହ୍ଲାଇ ଚାଷୀଙ୍କ ହକ ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ସରୁଗୁଡ଼ା ଲୁହା ବ୍ରିଜରେ ଧାନବସ୍ତା ରଖି ଚକାଜାମ କରାଯାଇଥିଲା। ସରକାର ଚାଷୀଙ୍କ ସମସ୍ୟା ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ କହିଛନ୍ତି। ଚକଅଖ ବନ୍ଦ ପାଇଁ ଯାତ୍ରୀମାନେ ନାହିଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ କିନ୍ତୁ ଜରୁରୀକାଳୀନ ସେବା ଓ ଦୋକାନ ବଜାର ସବୁ ଖୋଲା ରହିଥିବା ଦେଖିବାକୁ ମିଳିଛି।

# ବାଇକ୍ ଚୋରି ଘଟଣାରେ ୪ ଗିରଫ

ତେନ୍ତୁଲିଖୁଣ୍ଟି, ୨୮।୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ା ଥାନା ଅଞ୍ଚଳରେ ଚୋରି ମାମଲା ବଢ଼ୁଛି। ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରାଙ୍କ ନିର୍ଦ୍ଦେଶରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି। ଏକ ବାଇକ୍ ଚୋରି ମାମଲାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିଜୟ କୁଲଦୀପ, ଅର୍ଜୁନ ମାଝୀ। ଚୋରି ବାଇକ୍‌କୁ ଦାମନଯୋଡ଼ିର ଅକଲ ଶାନ୍ତା ୮ହଜାର ଟଙ୍କାରେ କିଣିଥିଲେ। ଚୋରି ବାଇକ କ୍ରୟ ଅଭିଯୋଗରେ ପୋଲିସ ଅକଲଙ୍କୁ ଓ ମଧ୍ୟସ୍ଥତା କରିଥିବା ବିଟୁ ସୁନାଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ ପଚରାଉଚରା କରାଯାଇଥିବା ସୂଚନା ମିଳିଛି। ଘଟଣାରେ ସମ୍ପୃକ୍ତଥି ଅରୁଣ ଗରଡ଼ା, ବୁଲବୁଲ ବାଘ ଏବଂ ପ୍ରଶାନ୍ତ ହରିଜନ ଫେରାର ଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି। ପ୍ରକାଶଯେ, ଅକ୍ଟୋବର ୨୭ରେ ପୋଡାଗଡ଼ରେ ୨ଟି ବାଇକ ଚୋରି ହୋଇଥିଲା। ଏ ନେଇ ଖାତିଗୁଡ଼ା ପୋଲିସ ୧୧୭/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଚୋରି ୨ ବାଇକ ମଧ୍ୟରୁ ଗୋଟିଏ ଜବତ ହୋଇଛି।

# ଜଳଭଣ୍ଡାର ଜଳସ୍ତର ହ୍ରାସ ନିର୍ମାଣରେ ବାଧକ



ଜିଲାପାଳ ଅନ୍ୟ ଅଧିକାରୀ ଓ ଠିକା ସଂସ୍ଥା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ତେନ୍ତୁଲିଖୁଣ୍ଟି, ୨୮।୧(ଚିଦାନନ୍ଦ ସାହୁ)

**ନିର୍ମାଣାଧୀନ ପାର୍ବତୀ ଗିରି ମେଗା ଉଠା ଜଳ ସେଚନ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି, ନନ୍ଦାହାଣ୍ଡି ନବରଙ୍ଗପୁର ବ୍ଲକର ସତୁରୀ ହଜାର ହେକ୍ଟର ଜଳ ସେଚନ ପାଇଁ ୨୦୨୩ରେ ପାର୍ବତୀ ଗିରି ମେଗା ଉଠା ଜଳ ସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ନିର୍ମାଣ କାର୍ଯ୍ୟ ୩୦ ପ୍ରତିଶତ ହିଁ ହୋଇ ପାରିଛି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦୁଇଟି ଠିକା କମ୍ପାନୀ ନେଇଛନ୍ତି। ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳସ୍ତର କାର୍ଯ୍ୟରେ ବାଧକ ସାଜିଥିବା ନେଇ ଦୁଇଟି ଏଜେନ୍ସି ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କୁ ଭେଟି ଜଣାଇଥିଲେ। ଏହାପରେ ବୁଧବାର ଜିଲାପାଳ ସ୍ୱାଇଁ ଓ ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ ଉଭୟ ପ୍ରକଳ୍ପ କାର୍ଯ୍ୟ ସ୍ଥଳ କଳାହାଣ୍ଡି ଜିଲାର ମୂର୍କା ଓ ତେନ୍ତୁଲିଖୁଣ୍ଟି ବ୍ଲକର ଢେପଗୁଡ଼ାକୁ ଯାଇ ସ୍ଥିତି ପରଖି ଥିଲେ। ଇନ୍ଦ୍ରାବତୀ ଅତିଥି ଭବନରେ କାର୍ଯ୍ୟ ନିର୍ବାହୀ ଉଭୟ ସଂସ୍ଥାର ବୈଷୟିକ ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ କରିଥିଲେ। ମେଗା ଉଠା ଜଳ ସେଚନ ପାଇଁ ନିର୍ମାଣ କାର୍ଯ୍ୟରେ ଇନ୍ଦ୍ରାବତୀ ଜଳ ଭଣ୍ଡାର ଜଳସ୍ତର ଯେଉଁ ବାଧକ ହୋଇଛି ତାହାକୁ କିଭଳି ଦୂର କରାଯିବ ସେ ନେଇ ଜଳ ସମ୍ପଦ ବିଭାଗ ସହ ଯୋଗାଯୋଗ କରି ସମାଧାନ ପ୍ରୟାସ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।

# ସୀମାନ୍ତରେ ୨ ଆଇଇଡି ନିଷ୍କ୍ରିୟ କଲେ ଯବାନ



ମାଲକାନଗିରି, ୨୮।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ଦାନ୍ତେୱାଡା ଜିଲାରେ ସୁରକ୍ଷା କର୍ମୀମାନେ ୨ଟି ଆଇଇଡି ଜବତ ସହ ତାହାକୁ ନିଷ୍କ୍ରିୟ କରିଛନ୍ତି। ତଥ୍ୟ ଅନୁଯାୟୀ ଦାନ୍ତେୱାଡା ଜିଲା ବାରସୁର ଥାନା ଗୁଫା ଗ୍ରାମ ନିକଟ ଜଙ୍ଗଲରେ ସିଆରପିଏଫ ଯବାନମାନେ କୋମ୍ବିଂ ଅପରେସନ କରୁଥିଲେ। ଏହି ସମୟରେ ଉକ୍ତ ଜଙ୍ଗଲରେ ଆଇଇଡି ଥିବା ବିଶେଷ ସୂତ୍ରରୁ ଖବରପାଇ ବାରସୁର ଥାନା ପୋଲିସ, ଯଙ୍ଗ ପ୍ଲାଟୁନ୍ ବାହିନୀ ଓ ବୋମା ନିଷ୍କ୍ରିୟ ଦଳ ମିଳିତ ବାବେ ସେଠାରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଗୁଫା ଗ୍ରାମ ନିକଟରେ ଜଙ୍ଗଲ ଅଞ୍ଚଳରେ ସର୍ଚ୍ଚ ଅପରେସନ କରୁଥିବାବେଳେ ଗୋଟିଏ ସ୍ଥାନରେ ଡାଇରେକ୍ସନାଲ ପାଇପ୍ ବୋମା ଓ ଡିଟୋନେଟର ସହ ପ୍ରେସର ବୋମା ମିଳିଥିଲା। ୧୫ ମିଟର ବିଦ୍ୟୁତ୍ ତାର ମଧ୍ୟ ଜବତ କରାଯାଇଥିଲା। ଉକ୍ତ ଦୁଇଟିଆଇଡିକୁ ସୁରକ୍ଷିତ ଭାବେ ନିଷ୍କ୍ରିୟ କରାଯାଇଛି।

# ପାଟଖଣ୍ଡା ଯାତ୍ରା ଉଦ୍‌ଯାପିତ

ଗୋବିନ୍ଦପାଲି, ୨୮।୧(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟର ପ୍ରସିଦ୍ଧ ମାଆ ଦମଲ ଦେଇଙ୍କ ମାଘ ଯାତ୍ରା ସହିତ ବଣ୍ଡା ଜନଜାତିଙ୍କ ପାଟ ଖଣ୍ଡା ଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନ ସୋମବାରରେ ହଜାର ହଜାର ଭକ୍ତଙ୍କ ଗହଣରେ ମା ଦାମଲ ଦେଇ ଖଇରପୁଟ ସହର ପରିକ୍ରମା କରିଥିଲେ। ଲୋକେ ମାଙ୍କ ଦର୍ଶନ ନିମନ୍ତେ ଘର ଦାଣ୍ଡ ଅଗଣାରେ ଦୀପ ଧୂପ ଫୁଲ ଚନ୍ଦନ ଏବଂ ନଡ଼ିଆ କଦଳୀ ଧରି ପୂଜା ଅର୍ଚ୍ଚନା କରିଥିଲେ। ଏଠାରେ ତିନିଦିନ ଧରି ପୂଜାର୍ଚ୍ଚନା କରାଯାଇଥାଏ। ପରେ ଦେବୀ ଙ୍କୁ ତାଙ୍କ ଆସ୍ଥାନ କୁ ଫେରାଇ ନିଆଯାଏ।

ଇତିହାସ ଅନୁସାରେ ବହୁ ବର୍ଷ ପୂର୍ବେ ଜୟପୁର ରାଜାଙ୍କ ସହ ବଣ୍ଡା ଜନଜାତିଙ୍କ ସମ୍ପର୍କ ଅତି ନିବିଡ଼ ଥିଲା। ବିଭିନ୍ନ ସମୟରେ ଏହି ଜନଜାତି ରାଜାଙ୍କ ସେନାବାହିନୀରେ ଯୋଗ ଦେଇଥିଲେ। ରାଜା ଏହି ଜନଜାତିଙ୍କ ପର୍ବ ପର୍ବାଣୀ ସାମାଜିକ ଚଳଣୀ, ଧର୍ମ ବିଶାସକୁ ସମ୍ମାନ ଦେଇ ଏକ ଖଣ୍ଡା ଉପହାର ଦେଇଥିଲେ। ଯାହାକୁ ପ୍ରତ୍ୟେକ ବର୍ଷ ଏହି ଜନଜାତି ପାଟଖଣ୍ଡା ଯାତ୍ରା ସମୟରେ ଗଛରୁ ଓହ୍ଲାଇ ପୂଜା କରନ୍ତି।ଏହି ବର୍ଷ ଏହି ଜନଜାତିର ନୂତନ ପିଢ଼ି ଯୁବ ସମାଜ ଓ କିଛି ସାମାଜିକ କର୍ମୀଙ୍କ ପ୍ରଚେଷ୍ଟାରେ ଜୟପୁର ରାଜାଙ୍କ ବଂଶଜ ତଥା ରାଜା ବିଶେଶ୍ୱର ଚନ୍ଦ୍ର ଚୁଡ ଦେବଙ୍କୁ ଏହି ପାଟ ଖଣ୍ଡା ଯାତ୍ରାରେ ଯୋଗ ଦେବାପାଇଁ ନିବେଦନ କରାଯାଇଥିଲା। ନିମନ୍ତ୍ରଣ ରକ୍ଷା କରି ରାଜା ସୋମବାର ବଣ୍ଡା ଘାଟିରେ ହେଉଥିବା ଏହି ଯାତ୍ରାରେ ଯୋଗ ଦେଇଥିଲେ। ଏହି ଐତିହାସିକ ଯାତ୍ରାରେ ମାଁ ଙ୍କ ଦର୍ଶନ ନିମନ୍ତେ ସୀମାନ୍ତ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରୁ ମଧ୍ୟ ଭକ୍ତମାନେ ବହୁଳ ଭାବରେ ଯୋଗ ଦେଇ ମାନସିକ ବଳି ଅର୍ପଣ କରିଥାନ୍ତି। ଏହି ଯାତ୍ରା କୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଦାମଲଦେଈ ପୂଜା କମିଟିର କର୍ମକର୍ତ୍ତା, ଖଇରପୁଟ ବ୍ଲକ ଓ ମାଲକାନଗିରି ଜିଲା ପ୍ରଶାସନ, ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ମାଲକାନଗିରି ପୋଲିସ ବ୍ୟବସ୍ଥା ଗ୍ରହଣ କରିଥିଲେ। ଖଇରପୁଟ ବ୍ଲକର ଡାଇଭର ସଂଘ ମଧ୍ୟ ଶାନ୍ତି ଶୃଙ୍ଖଳା ରକ୍ଷାରେ ନିୟୋଜିତ ହୋଇଥିଲେ। ଏହି ପ୍ରତିଷ୍ଠିତ ଯାତ୍ରାରେ ଭଜନ କୀର୍ତ୍ତନ ସହ ମେଳା ମହୋତ୍ସବ କୁ ସରସ ସୁନ୍ଦର କରିବା ପାଇଁ ରାତିରେ ଲୋକନୃତ୍ୟ, ଆଦିବାସୀ ନାଟକ, ମୀନାବଜାର ଓ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି।

# ନିଶାମୁକ୍ତ ୫ ଗ୍ରାମର ମହିଳା ମୁଖିଆଙ୍କୁ ମୋନାର ଡାକରା

ନନ୍ଦପୁର,୨୮।୧(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକର ୪ ଓ ଲମତାପୁଟ ବ୍ଲକର ୧ ନିଶାମୁକ୍ତ ୫ ଗ୍ରାମର ମହିଳା ମୁଖିଆଙ୍କୁ ମିଳିତ ଓଡ଼ିଶା ନିଶା ନିବାରଣ ମଞ୍ଚ(ମୋନା) ପକ୍ଷରୁ ୨୯ରେ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ସଭାଗୃହରେ ଆୟୋଜିତ ହେବାକୁ ଥିବା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେବାକୁ ଡାକରା ହୋଇଛି। ବର୍ଷୀୟାନ ଗାନ୍ଧିବାଦୀ, ସାମାଜିକକର୍ମୀ, ସ୍ତମ୍ଭକାର, ଉତ୍କଳ ସମ୍ମିଳନୀର ଉପଦେଷ୍ଟା ତଥା ମିଳିତ ନିଶା ନିବାରଣ ମଞ୍ଚର ମାର୍ଗଦର୍ଶକ ଓ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ପାଳନ ଅବସରରେ ୫ ମହିଳା ମୁଖିଆଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମୋନା ଆବାହିକା ଅପର୍ଣ୍ଣା ନାୟକ ସୂଚନା ଦେଇଛନ୍ତି। ନନ୍ଦପୁର ବ୍ଲକ ଅଞ୍ଚଳରେ ଡ଼ାବାସପୁଟ, ମାଳିଭୀମଡଲ, ଗୋଡ଼ିପୁଟ, କୀତିବା ଓ ଲମତାପୁଟ ବ୍ଲକର ବନମାଳୀପୁଟ ଗ୍ରାମ ନିଶାମୁକ୍ତ ଗ୍ରାମ ଭାବେ ଘୋଷିତ ହୋଇଛି। ଏଥିରେ ରୁକ୍ମଣୀ ହାଡପୁଟିଆ, ଫୁଲମତି ଖରା, ଗୌରୀ ଖରା, ତୁଳା ମାଝୀ, ନୀଳମତି ନାୟକଙ୍କ ଚେଷ୍ଟା, ସହଯୋଗ ଓ ଉତ୍ସାହ ପ୍ରଶଂସନୀୟ। ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ୫ ମହିଳା ମୁଖିଆ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି।

# ଜିଲାସ୍ତରୀୟ ସୁସ୍ଥ ଜୀବନଶୈଳୀ ଆଧାରିତ ପ୍ରଦର୍ଶନୀ



ଅତିଥି ୩ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

କୋରାପୁଟ,୨୮।୧(ଅମିତାଭ ବେହେରା)

କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ସୁସ୍ଥ ଜୀବନଶୈଳୀ ଆଧାରିତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏଥିରେ ୩ ଜଣ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଜିଲାର ୧୪ ବ୍ଲକରୁ ୫୬ ପ୍ରକଳ୍ପ ଭାଗ ନେଇଥିଲେ। ଉଦଘାଟନୀରେ ଡିଏଭି ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପକ ପଟ୍ଟନାୟକ, ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ଲେଙ୍କା, ଜିଲା ବିଜ୍ଞାନ ପରିଦର୍ଶକ ଅନନ୍ତ ଦଳପତି ଓ ପ୍ରଧାନଶିକ୍ଷକ ହିମାଂଶୁ ଦାସ ଉପସ୍ଥିତ ଥିଲେ। ବିଚାରକ ଭାବେ ଡ.ବ୍ରହ୍ମଚାରୀ ଖମାରୀ, ପଦାର୍ଥ ବିଜ୍ଞାନ ସହକାରୀ ପ୍ରାଧ୍ୟାପକ, ତନ୍ମୟ ସରକାର, ରସାୟନ ବିଜ୍ଞାନ ଅଧ୍ୟାପକ ଓ ଜିଙ୍କି ଦରୁଆ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଯୋଗଦେଇଥିଲେ। ଜଳ ସଞ୍ଚୟ, ଶକ୍ତି ସଞ୍ଚୟ, ବର୍ଜ୍ୟବସ୍ତୁ ହ୍ରାସ, ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା, ସୁସ୍ଥ ଜୀବନଶୈଳୀ ଏକକ ବ୍ୟବହାର ପ୍ଲାଷ୍ଟିକ ହ୍ରାସ ଉପରେ ଆଧାରିତ ପ୍ରକଳ୍ପଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ଉଦଯାପନୀରେ ଜିଲା ଶିକ୍ଷା ଅଧିକାରୀ ଚମେଲି ମଜୁମଦାର ଓ ବିଇଓ ଭବାନୀ ନନ୍ଦନ ପଟ୍ଟନାୟକ ୩ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଶିକ୍ଷକ ଅରୁଣ ସ୍ୱାଇଁ ଓ ପ୍ରମୋଦ ଡାକୁଆ ମଞ୍ଚ ପରିଚାଳନା କରିଥିଲେ।

# ଧୋତ୍ରା ଚୈତନ୍ୟ ଏକାଦଶ ଚାମ୍ପିୟନ

## ଯାଦବ ମାଝୀ ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା

ଚନ୍ଦାହାଣ୍ଡି, ୨୮।୧ (ହିମାଂଶୁ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମରେ ପଲ୍ଲୀଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨୬ ତମ ଯାଦବ ମାଝୀ ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଉମରକୋଟ ଦୁର୍ଯ୍ୟ ଏକାଦଶକୁ ୧୧୧ ରନରେ ପରାସ୍ତ କରି ଧୋତ୍ରା ଚୈତନ୍ୟ ଏକାଦଶ ଚାମ୍ପିୟନ ହୋଇଛି।

ଫାଇନାଲ ମ୍ୟାଚରେ ଚୈତନ୍ୟ ଏକାଦଶ ପ୍ରଥମେ ବ୍ୟାଟିଙ୍ଗ କରି ସନ୍ଦୀପ ପଟ୍ଟନାୟକଙ୍କ ୬୪, ଲୀଳାଧର ପ୍ରଧାନଙ୍କ ୪୯ ଓ ବିମଲ ମହାପାତ୍ରଙ୍କ ୪୮ ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୨୦୪ ରନ କରିଥିଲା। ଏହାକୁ ପିଛାକରି ଦୁର୍ଯ୍ୟ ଏକାଦଶ ୧୫. ୩ ଓଭରରେ ମାତ୍ର ୯୩ ରନ କରି ଅଲଆଉଟ ହୋଇଯାଇଥିଲା। ୧୧୧ ରନରେ ବିଜୟ ସହ ଚୈତନ୍ୟ ଏକାଦଶ ଚାମ୍ପିୟନ ହୋଇଛି। ପଲ୍ଲିଶ୍ରୀ ଯୁବକ ସଂଘ ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣି ସମାରୋହରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ନେତା ପ୍ରମୋଦ ପାଢ଼ୀ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଜିଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ ଓ କେତକୀ ମଲ୍ଲୀ ଗୌଡ଼, ସରପଞ୍ଚ ଦୁଲ୍ଲ ପୂଜାରୀ, ବରିଷ୍ଠ ନେତା ଗୌରହରି ନାୟକ, କିଶୋର ଖମାରୀ, ପୁରୁଷୋତ୍ତମ ପାରି, ନୀଳମଣି ଗୌଡ଼, କମଲୁ ମନହିରା, ମଞ୍ଜୁଲତା ନାୟକ, ଭୋଜରାମ ସିହ୍ନା, ମହମ୍ମଦ ହୁସେନ, ଯୁଗେଶ୍ୱର ନାଗ, କରୁଣା ପୂଜାରୀ, ଭବେଶ ଗଈଁତା ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଚୈତନ୍ୟ ଏକାଦଶକୁ ୧ ଲକ୍ଷ ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳ ଦୁର୍ଯ୍ୟ ଏକାଦଶକୁ ୭୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଫାଇନାଲ ମ୍ୟାଚରେ ଓ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ଚୈତନ୍ୟ ଏକାଦଶର ସନ୍ଦୀପ ପଟ୍ଟନାୟକଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଓ ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ଦିଆଯାଇଛି। ବେଷ୍ଟ ସିକ୍ସସର ଲିଲୁ ବେହେରା, ବେଷ୍ଟ ଫିଲଡ଼ର୍ସ ପୂର୍ଣ୍ଣ ଚନ୍ଦ୍ର ମାଝୀ, ବେଷ୍ଟ ବୋଲର ବବି ଠାକୁର, ଲାଇଭ ଷ୍ଟ୍ରିମର ଦେବ ଷ୍ଟୁଡିଓକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପବିତ୍ର ନାୟକ ଓ ପ୍ରକାଶ ମାଝୀ ଅମ୍ପୟାର, ବିନୟ ସାହୁ, ତେଜରାଜ ଠାକୁର ଓ ନରେନ୍ଦ୍ର ନାୟକ ଭାଷ୍ୟକାର, ପ୍ରତାପ ଗୌଡ଼, ରାକେଶ ପଟ୍ଟନାୟକ, ମାନସ ନାୟକ, ଗୁପ୍ତେଶ୍ୱର ମାଝୀ, ଦିଲ୍ଲୀପ ନାୟକ ଓ ରାକେଶ ବେଶ୍ରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସଂଗ୍ରାମ କେଶରୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ପଲ୍ଲିଶ୍ରୀ ଯୁବକ ସଂଘ ସମ୍ପାଦକ ଧନେଶ୍ୱର ସେଠୀ, ସହ ସମ୍ପାଦକ ମନୋଜ ମାଝୀ, କୋଷାଧ୍ୟକ୍ଷ ହୃଷିକେଶ ମହାନ୍ତିଙ୍କ ସହ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚ ଦେଖିବାକୁ ୨୦ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।



ଅତିଥିମାନେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ରାସ୍ତା ଅବରୋଧ କରି ଶତାଧିକ ଚାଷୀ, ରାଜନେତାଙ୍କ ପ୍ରତିବାଦ

## ନବନିର୍ମାଣ କୃଷକ ସଂଘର ସଫଳ ବନ୍ଦ



କୋଟପାଡ଼ରେ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**କୋଟପାଡ଼/ବୈପାରୀଗୁଡ଼ା/ଜୟପୁର,୨୮।୧ (କେ.ରାଜଶେଖର ରାଓ/କଳ୍ପତରୁ ମହାନ୍ତି/ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା କୋଟପାଡ଼ ସହରରେ ନବନିର୍ମାଣ କୃଷକ ସଂଘ ଓ କୃଷକ ସମାଜ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାକୁ ଶତାଧିକ ଚାଷୀ, ବିଜେଡି, କଂଗ୍ରେସ, ଅନ୍ୟ ରାଜନୈତିକ ଦଳ ଓ ବିଭିନ୍ନ ଅନୁଷ୍ଠାନ ସମର୍ଥନ କରିଥିବା ବୁଧବାର ଦେଖିବାକୁ ମିଳିଛି। କୋଟପାଡ଼ ଅଞ୍ଚଳରେ ବନ୍ଦ ଡାକରାର ପ୍ରଭାବ ପଡ଼ିଛି। ଜାତୀୟ ରାଜପଥ କୃଷି ଫାର୍ମ ନିକଟରେ ରାସ୍ତା ଅବରୋଧ କରାଯାଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଛି। ତୁରନ୍ତ ଚାଷୀଙ୍କ ଦାବି ମାନିବା ନେଇ ଧାରଣା ଦିଆଯାଇଥିଲା। ଏହାଦ୍ୱାରା ରାସ୍ତାର ୨ ପାର୍ଶ୍ୱରେ ଅନେକ ଭାରିଯାନ ଅଟକ ରହିଥିଲା। ଅଧିକାଂଶ ସରକାରୀ କାର୍ଯ୍ୟାଳୟ ବନ୍ଦ ଥିବା ସତ୍ତ୍ୱେ କର୍ମଚାରୀ ଅଫିସ କାର୍ଯ୍ୟ ଜାରି ରଖିଥଲେ। ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, ବିଜେଡି କର୍ମୀ, କଂଗ୍ରେସ ପକ୍ଷରୁ ସମାରୁ ମାଝୀ, ସଞ୍ଜୟ ବେହେରା, କୃଷକ ସମାଜ ସଭାପତି ସୀତାନାଥ ବିଶ୍ୱାଳ, ଗ୍ରାମାଞ୍ଚଳର ଚାଷୀ ପ୍ରମୁଖ ୬୩ ନଂ. ଜାତୀୟ ରାଜପଥରେ ବସି ସ୍ଲୋଗାନ ଦେଇଥିଲେ। ଧାନମଣ୍ଡି ଖୋଲିବା, ଧାନ ବିକ୍ରିରେ ଅବ୍ୟବସ୍ଥା ଯୋଗୁ ଚାଷୀମାନେ ହଇରାଣ ହେଉଛନ୍ତି। ପ୍ରଦୂଷଣ ସାର୍ଟିଫିକେଟ ନାଁରେ ଲୋକମାନଙ୍କଠାରୁ ଟଙ୍କାର ଫାଇନ ଆଦାୟ, ସ୍ମାର୍ଟ ମିଟର ଲଗାଇବା ନାଁରେ ଲୁଟ୍ କରୁଥିବା ଆଦି ଅଭିଯୋଗ କରି ବିରୋଧ କରିଛନ୍ତି। ବୈପାରୀଗୁଡ଼ାରେ କଂଗ୍ରେସ ଓ ବିଜେଡି କର୍ମୀମାନେ ମୁଖ୍ୟ ଛକରେ ଧାରଣାରେ ବସିଥିଲେ। ଜୟପୁର-ମାଲକାନଗିରି ମଧ୍ୟରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ରାସ୍ତା ଉପରେ ବହୁ ଦ୍ରୁତଗାମୀ ଯାତ୍ରୀବାହୀ ବସ ଓ ଟ୍ରକ ଅଟକି ରହିଥିଲା। ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ଦେଖିବାକୁ ମିଳିଛି। ଜୟପୁର ସହରରେ ମଧ ଓଡ଼ିଶା ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ଜୟପୁରର ମୁଖ୍ୟ ଟ୍ରାଫିକ ଛକରେ ରାସ୍ତା ଅବରୋଧ କରି ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଏହି ବନ୍ଦ ଡକରାକୁ କୋରାପୁଟ ଜିଲା କଂଗ୍ରେସ ଓ ସିପିଆଇ କୋରାପୁଟ ଜିଲା ଶାଖା ସମର୍ଥନ ଜଣାଇଥିଲେ। ବିକ୍ଷୋଭରେ କୃଷକ କଲ୍ୟାଣ ମଞ୍ଚର ସାଧାରଣ ସମ୍ପାଦକ ନରେନ୍ଦ୍ର ପ୍ରଧାନ, ମନୋଜ ପାତ୍ର, ତ୍ରିନାଥ ବିଷୋୟୀ, ତିଳ ନାୟକ, ସିପିଆଇର ଯୁଧିଷ୍ଠିର ରାଉଳ, ପ୍ରମୋଦ କୁମାର ମହାନ୍ତି ଓ ସତ୍ୟବ୍ରତ ନନ୍ଦ ଉପସ୍ଥିତ ଥିଲେ।

# ରାସ୍ତାରୁ ପାଇଥିବା ବ୍ୟାଗ ପୋଲିସକୁ ଦେଲେ ୨ ଯୁବକ


ବ୍ୟାଗକୁ ଫେରାଇଥିବା ଅର୍ଜୁନ ଓ ରମେଶ।

**ନନ୍ଦପୁର,୨୮।୧(ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁର ପୋଲିସ ୨ ଯୁବକ ରାସ୍ତାରୁ ପାଇଥିବା ଲ୍ୟାପଟପ୍ ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଥିବା ବ୍ୟାଗକୁ ଫେରାଇ ଉଦାହରଣ ସୃଷ୍ଟି କରିଛନ୍ତି। ବାଡେଲ ପଞ୍ଚାୟତର ୨ ଯୁବକ ଅର୍ଜୁନ ଖେମୁଣ୍ଡୁ ଓ ରମେଶ କାର୍ତ୍ତୁଲଙ୍କ ଏହି କାର୍ଯ୍ୟକୁ ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟାପାଡିଆ ପ୍ରଶଂସା କରିଛନ୍ତି। ପୋଲିସ ଜିମାରେ ବ୍ୟାଗ ଥିବା ଜାଣି ବ୍ୟାଗ ମାଲିକ ତଥା ଓଏନ୍ୱାୟୀଏକ୍ସ ଡେଷ୍ଟିନେଶନ ଅନୁଷ୍ଠାନର ଅପରେସନ ହେଡ୍ ମିଳନ ଦାସ ୨ ଯୁବକଙ୍କୁ କୃତଜ୍ଞତା ଜଣାଇଛନ୍ତି। ମିଳନ ଅନୁଷ୍ଠାନ ପକ୍ଷରୁ ନନ୍ଦପୁର ତଥା କୋରାପୁଟ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଚିହ୍ନଟ ଓ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନସ୍ଥଳୀ ବିଷୟରେ ସୂଚନା ଦେବାକୁ ତଥ୍ୟ ସଂଗ୍ରହ କରିବାକୁ ଆସିଥିଲେ। ନନ୍ଦପୁରରୁ ବାଲଡ଼ା ଯାଉଥିବା ବେଳେ ବାଇକ୍‌ରେ ବନ୍ଧା ହୋଇଥିବା ତାଙ୍କ ବ୍ୟାଗ ରାସ୍ତାରେ ପଡ଼ିଯାଇଥିଲା। ଏହାକୁ ସେ ଜାଣି ପାରିନଥିଲେ। ସେଥିରେ ଏକ ଲ୍ୟାପଟପ, ୨ ଚାର୍ଜର, ୩ ବ୍ୟାଙ୍କ ଚେକ ବୁକ, ଏଟିଏମ୍ କାର୍ଡ, ଅଫିସ ସିଲ ଓ ଅନ୍ୟ ସାମଗ୍ରୀ ରହିଥିଲା। ବ୍ୟାଗକୁ ଥୁବା ବ୍ରିଜ ନିକଟରୁ ଅର୍ଜୁନ ଓ ରମେଶ ପାଇଥିଲେ। ବ୍ୟାଗରେ ଥିବା ଡ଼ାଇରିରେ ଉଲ୍ଲେଖ ଫୋନ ନମ୍ବରରେ ମିଳନଙ୍କ ବଡଭାଇଙ୍କୁ ଯୋଗାଯୋଗ କରିଥିଲେ। ସମସ୍ତ ସାମଗ୍ରୀ ସୁରକ୍ଷିତ ଥିବା ସୂଚନା ଦେଇଥିଲେ ଏବଂ ନନ୍ଦପୁର ଥାନାରେ ବ୍ୟାଗକୁ ଏସ୍ଆଇ ଦେବୋବର୍ ସାହୁ ଓ ଗୁପ୍ତେଶ୍ୱର ଗଉଡଙ୍କ ଜିମାରେ ଦେଇଥିଲେ। ଏ ନେଇ ପୋଲିସ ମିଳନଙ୍କୁ ସୂଚନା ଦିଆଯାଇଥିଲା। ୨ ଯୁବକଙ୍କ ମାନବିକତାକୁ ପ୍ରଶଂସା କରିଛନ୍ତି।

# ମାଷ୍ଟର୍ସ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ କଳାକରଙ୍କୁ ଟ୍ରଫି


କଳାକର ପ୍ରଧାନ

**ସୁନାବେଡା,୨୮।୧(କୃତ୍ତିବାସ ପ୍ରଧାନ)**

କୋରାପୁଟ ଜିଲା ସୁନାବେଡ଼ାର କଳାକର ପ୍ରଧାନ ସୋନପୁର ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମାଷ୍ଟର୍ସ ବ୍ୟାଡମିଣ୍ଟନ ଚାମ୍ପିୟନ-୨୦୨୬ର ଟାଇଟଲ ହାସଲ କରିଛନ୍ତି। ୟୁନେକ୍ସ ସନରାଇଜ ଓ ଡିଷ୍ଟ୍ରିକ୍ଟ ବ୍ୟାଡମିଣ୍ଟନ ଆସୋସିଏସନ ସୋନପୁର (ଡିବିଏଏସ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ କଳାକର ଉଭୟ ୫୦ ଓ ୫୫ ପ୍ଲସ୍ ଫାଇନାଲ ଖେଳି ଟାଇଟଲ ହାସଲ କରିଥିଲେ। ୫୦ ପ୍ଲସ ସିଙ୍ଗଲସ ଫାଇନାଲରେ ଖୋର୍ଦ୍ଧାର ପ୍ରଦୀପ କୁମାର ପଟ୍ଟନାୟକଙ୍କୁ ସିଧାସଳଖ ୨୧-୧୩ ଓ ୨୧-୮ ସେଟରେ ପରାସ୍ତ କରିଥିଲେ। ୫୫ ପ୍ଲସ ସିଙ୍ଗଲସରେ ଢେଙ୍କାନାଳର ଧର୍ମେନ୍ଦ୍ର ମହାପାତ୍ରଙ୍କୁ ୩-୨ ସେଟରେ ପରାସ୍ତ କରିଥିଲେ। ୫୫ ପ୍ଲସ ଡବଲସରେ କଳାକର ଓ ଅସିତ ପଟ୍ଟନାୟକଙ୍କ ଯୋଡ଼ି ବିପକ୍ଷ ଧର୍ମେନ୍ଦ୍ର ଓ ସମୀର ସାହୁ ଯୋଡିଙ୍କଠାରୁ ଫାଇନାଲରେ ପରାସ୍ତ ହୋଇ ରନର୍ସ ଅପ ହୋଇଛନ୍ତି। ଏଥିରେ ଡିଷ୍ଟ୍ରିକ୍ଟ ବ୍ୟାଡମିଣ୍ଟନ ଆସୋସିଏଶନ ସୋନପୁର ସାଙ୍ଗଠନିକ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ଷ୍ଟେଟ ବ୍ୟାଡମିଣ୍ଟନ ଆସୋସିଏଶନ(ଓଏସବିଏ) ସମ୍ପାଦକ ନୀଲୀନ କୁମାର, ଓଏସବିଏର ମୁଖ୍ୟ ରେଫେରି ଲକ୍ଷପତି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କଳାକରଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# କୋରାପୁଟ,ସୁନାବେଡ଼ାରେ ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ

**କୋରାପୁଟ/ସୁନାବେଡ଼ା/ସେମିଳିଗୁଡ଼ା,୨୮।୧(ଅମିତାଭ ବେହେରା/କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**


କୋରାପୁଟରେ ବନ୍ଦ ପାଳନ କରାଯାଇଛି।

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାରେ କୋରାପୁଟ, ସୁନାବେଡ଼ା ଓ ସେମିଳିଗୁଡ଼ାରେ ଆଂଶିକ ପ୍ରଭାବ ବୁଧବାର ଦେଖିବାକୁ ମିଳିଛି। ବନ୍ଦକୁ କଂଗ୍ରେସ ଓ ବିଜେଡି ପକ୍ଷରୁ ସମର୍ଥନ କରାଯାଇଛି। କୋରାପୁଟରେ ବଡ଼ ଗାଡି ଚଳାଚଳ ଓ ଅଧିକାଂଶ ଦୋକାନ ବନ୍ଦ ରହିଥିଲା। କଂଗ୍ରେସ ପକ୍ଷରୁ ଜିଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ନିମାଇଁ ସରକାର, ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ରତ୍ନାମଣି ଉଲାକା, ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ, ପୂର୍ବତନ ପୌରାଧକ୍ଷ ଭଗବାନ ବାହିନୀପତି, ବହୁ ନେତା ଓ କର୍ମୀ ସ୍ଥାନୀୟ ଟ୍ରାଫିକ ଛକରେ ୨୬ ନଂ ଜାତୀୟ ରାଜପଥରେ ବସି ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ବିରୋଧ କରି ସ୍ଲୋଗାନ ଦେଇଥିଲେ। ସେହିପରି ସେମିଳିଗୁଡ଼ା ଓ ସୁନାବେଡ଼ାରେ ୮ ଘଣ୍ଟିଆ ବନ୍ଦ ଡାକରାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ସହରର କିଛି ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିଲା।

ପ୍ରାୟ ଅଧାରୁ ଅଧିକ ଦୋକାନ ବଜାର ଖୋଲା ଥିବା ଦେଖିବାକୁ ମିଳିଛି। କୃଷକ ସଙ୍ଗଠନ ଏହି ବନ୍ଦ ଡାକରାକୁ ପ୍ରଦେଶ କଂଗ୍ରେସ ନିର୍ଦ୍ଦେଶରେ ଯୁବ କଂଗ୍ରେସ ପକ୍ଷରୁ ସମର୍ଥନ ଜଣାଇ ସେମିଳିଗୁଡ଼ା ଟ୍ରାଫିକ ଛକ ନିକଟରେ ମୁଖ୍ୟ ରାସ୍ତାକୁ ରଶି ଦ୍ୱାରା ଆବଦ୍ଧ କରି ଧାରଣାରେ ବସି ନାରାବାଜି କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟାତ ଠପ୍ ହୋଇ ଗାଡି ମୋଟର ଧାଡିରେ ଠିଆହୋଇ ରହିଥିଲେ। ତେବେ ଧରଣା ସ୍ଥଳରେ ନବନିର୍ମାଣ କୃଷକ ସଂଗଠନର କୌଣସି କର୍ମକର୍ତ୍ତା ଉପସ୍ଥିତ ନ ଥିବା ଦେଖିବାକୁ ମିଳିଛି। ଯୁବ କଂଗ୍ରେସ ସଭାପତି ଜଗଦୀଶ ବାଘ, ସେମିଳିଗୁଡ଼ା ବ୍ଲକ୍ ଜୋନ ୨ ଜିଲା ପରିଷଦ ମୋହନ ଯାନୀ, ଏମ୍‌ପି ପ୍ରତିନିଧି ପ୍ରଶାନ୍ତ କର, ଅମୀର ମାଛ, ଅଶୋକ କନ୍ଧପାନ, ଲିପିନ ବାସୁଦେବନ ଓ ଦିବାନ କୁଳଦୀପ ପ୍ରମୁଖ ସାମିଲ ହୋଇଥିଲେ।

# ୧୬୧ ପରୀକ୍ଷାର୍ଥୀ ଦେଲେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି


ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

**ନନ୍ଦପୁର,୨୮।୧(ତୁଷାର କାନ୍ତ ମହାନ୍ତି)**

ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆୟୋଜିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି।

ପରୀକ୍ଷାରେ ବ୍ଲକ ଅଞ୍ଚଳର ଷଷ୍ଠ ଶ୍ରେଣୀ ପାଇଁ ପଞ୍ଜୀକୃତ ୧୦୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୯ ଓ ନବମ ଶ୍ରେଣୀର ପଞ୍ଜୀକୃତ ୭୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୨ ମୋଟ ୧୬୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଦୁଇ ଶ୍ରେଣୀର ୨୦ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସୂଚନା ମିଳିଛି। ବ୍ଲକ ସହକାରୀ ଶିକ୍ଷାଧିକାରୀ ମମତାଜ ଗୋମାଙ୍ଗ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ତଦାରଖ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ତଥା ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଅଞ୍ଜୁଲତା ଗରଡ଼ା ପରୀକ୍ଷା ପରିଚାଳନା କରିଥିଲେ।

# ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ

## ୮ ଖବରଦାତାଙ୍କ ସଦସ୍ୟତା ଗ୍ରହଣ

**ମାଲକାନଗିରି,୨୮।୧(ଗୌରିଶଙ୍କର ପଣ୍ଡା)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଖବରଦାତାମାନେ।

ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘର ଜିଲାସ୍ତରୀୟ ସାଧାରଣ ପରିଷଦ ବୈଠକ ଚିତ୍ରକୋଣ୍ଡା ବ୍ଲକସ୍ଥିତ ଇକୋ ପାର୍କରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଅଶୋକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ସମିତିସଭ୍ୟ ରାଜକମଲ ପୁରୋହିତ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ସଂଘ ଜିଲା ସମ୍ପାଦକ ବି. ଶ୍ରୀନିବାସ ପାତ୍ର, ଉପସଭାପତି ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ହୃଷିକେଷ ସେଠୀ, ଚିତ୍ରକୋଣ୍ଡା ବ୍ଲକ ଶାଖା ସଭାପତି ଶିବପ୍ରସାଦ ଖରା ଓ ପୋଲିସ ଅଧିକାରୀ ଲିମାଇ ଚନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟକ ଖିଲ ଖବରଦାତାମାନଙ୍କୁ ଜିଲା ବିକାଶର ସାରଥୀ ବୋଲି କହିଥିଲେ। ବିକାଶର ଅନ୍ୟ ନାମ ଖବରଦାତା କହିଛନ୍ତି। ଖବରଦାତାମାନଙ୍କ ବିଭିନ୍ନ ନାର୍ଯ୍ୟ ଦାବିକୁ ବିଧାନସଭାରେ ସ୍ୱର ଉତ୍ତୋଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚିତ୍ରକୋଣ୍ଡା ବ୍ଲକ ସଂଘର ଗୃହ ନିର୍ମାଣ ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବାକୁ ବିଧାୟକ ଖିଲ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲାର ସମସ୍ତ ବ୍ଲକର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଖବରଦାତା ଯୋଗଦେଇଥିଲେ। ଉତ୍କଳ ସାମ୍ବାଦିକ ଜିଲା ସଂଘର କାର୍ଯ୍ୟଶୈଳୀରେ ଆକୃଷ୍ଟ ହୋଇ ବିଭିନ୍ନ ସ୍ଥାନର ୮ ଖବରଦାତା ସଂଘର ସଦସ୍ୟତା ଗ୍ରହଣ କରିଥିଲେ। ନୂତନ ସଦସ୍ୟ ଓ କର୍ମକର୍ତ୍ତାମାନଙ୍କୁ ଅତିଥି ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂଘ ସମ୍ପାଦକ ଧନ୍ୟବାଦ ଦେଇଥିଲେ।

# ବିନା ଶୀତତାପ ନିୟନ୍ତ୍ରଣ ଗାଡ଼ିରେ ଆସୁଛି କ୍ଷୀର,ଦହି

## ଗାଡ଼ିରେ ବୁହାଯାଉଛି ଅଣ୍ଡା, ଅନ୍ୟାନ୍ୟ ସାମଗ୍ରୀ

**କୋରୁକୋଣ୍ଡା,୨୮।୧(ଶିବଦତ୍ତ ସାହୁ)**



ମାଲକାନଗିରି ଜିଲା ବାଲିମେଳା ସହରକୁ ଦୈନିକ ଦୁଗ୍ଧ, ଦହି, ଛେନା, ପନିର ଆଦି ସାମଗ୍ରୀଗୁଡ଼ିକ ବିନା ଶୀତତାପ ନିୟନ୍ତ୍ରଣ ଗାଡ଼ିରେ ଅଣାଯାଉଥିବା ଦେଖିବାକୁ ମିଳିଛି। କୋରାପୁଟ ଜିଲା ଅଧୀନ ଜୟପୁର ଅଞ୍ଚଳରୁ ଏକ ଓମଫେଡ ବିତରକ ସଂସ୍ଥା ପକ୍ଷରୁ ଏକ ଗାଡି ଯୋଗେ ବିଭିନ୍ନ ପ୍ରକାର ସାମଗ୍ରୀ ପରିବହନ କରାଯାଉଛି। ଦୈନିକ ଜୟପୁରରୁ ପ୍ରାୟ ୧୦୫ କି.ମି ଦୂର ବାଲିମେଳା ସହରକୁ ଖରା, ବର୍ଷା, ଶୀତ ଦିନରେ ଦହି, କ୍ଷୀର, ଛେନା, ପନିର ଆଦି ସାମଗ୍ରୀ ଧରି ଆସୁଥିବା ଶୀତତାପ ନିୟନ୍ତ୍ରଣ ଗାଡ଼ିରେ ତଥା ସର୍ବନିମ୍ନ ୫/୬ ଡିଗ୍ରୀ ତାପମାତ୍ରା ରହିଥିବା ତାପରୁଦ୍ଧ ଗାଡ଼ିରେ ପରିବହନ କରିବା ନିୟମ ରହିଛି। ବର୍ଷ ବର୍ଷ ଧରି ଏହି ଖାଦ୍ୟ ସାମଗ୍ରୀଗୁଡିକୁ ବିନା ତାପରୁଦ୍ଧ ଗାଡ଼ିରେ ଅଣାଯାଇ ବଣ୍ଟନ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗାଡିର ଅବସ୍ଥା ମଧ ଭଲ ନ ଥିବା କହିଛନ୍ତି। ଗାଡି ଦୈନିକ ସକାଳ ବଦଳରେ ୯-୧୦ଟାରେ ପହଞ୍ଚୁଛି। ଅଧିକାଂଶ ଦିନ ରାସ୍ତାରେ ଓମଫେଡ ଗାଡି ଅଚଳ ହୋଇ ଯାଉଥିବାରୁ କ୍ଷୀର, ଦହି, ଛେନା ଓ ପନିର ବିକ୍ରି ପାଇଁ ନେଉଥିବା ବ୍ୟବସାୟୀମାନେ ଅଟୋ ଭଡା କରି ସେଠାରୁ ବୋହି ଆଣୁଥିବା ମଧ ଦେଖିବାକୁ ମିଳୁଛି। ଏହି କାରଣରୁ ବାଲିମେଳା ସହରବାସୀ କ୍ଷୀର, ଦହି, ପନିର ଆଦି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ଠିକ ସମୟରେ ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଲୋକେ ବାସି କ୍ଷୀର, ଦହି, ଛେନା ଏବଂ ପନିର ଆଦି ଦୋକାନରୁ କିଣି ନେଇ ବ୍ୟବହାର କରିବାକୁ ବାଧ ହେଉଛନ୍ତି।

ସହରରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଅଧିକାଂଶ ସମୟରେ କ୍ଷୀର ନଷ୍ଟ ହୋଇଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଓମଫେଡ ଗାଡ଼ିରେ ଅଣ୍ଡା ପରିବହନ କରାଯାଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗର କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହାର ତଦାରଖ କରୁନାହାନ୍ତି। ଆଇନ ଉଲଂଘନ କରି ଓମଫେଡ ଗାଡ଼ିରେ ଏଭଳି ସାମଗ୍ରୀ ବିକ୍ରି କରୁଥିବା ସଂସ୍ଥା ବିରୋଧରେ କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ମନମାନି ଚାଲିଥିବା ଲୋକେ ଅଭିଯୋଗ କରଛନ୍ତି। ଏ ଦିଗରେ ଜିଲା ଖାଦ୍ୟ ସୁରକ୍ଷା ବିଭାଗ ଓ ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି।

# ଦୋଳପୁର ହାଇସ୍କୁଲ ବାର୍ଷିକ ଉତ୍ସବ


ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ବୈପାରୀଗୁଡା,୨୮।୧(କଳ୍ପତରୁ ମହାନ୍ତି)**

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅଧୀନ ଦୋଳପୁର ସରକାରୀ ହାଇସ୍କୁଲର ୩୨ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ,ଜିଲା ପରିଷଦ ସଭ୍ୟ ରାଜେଶ୍ୱର ମହୁରିଆ, ସ୍ଥାନୀୟ ନେତା ଚନ୍ଦ୍ରଶେଖର ରଥ,ସରପଞ୍ଚ ଗଙ୍ଗାଧର ମସିଆ, ସମିତି ସଭ୍ୟ ଲକ୍ଷ୍ମଣ ଚନ୍ଦ୍ରପଡିଆ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ବିଦ୍ୟାଳୟ ସହକାରୀ ଶିକ୍ଷକ ସୌମ୍ୟରଞ୍ଜନ ପ୍ରଧାନ ଅତିଥି ପରିଚୟ ଓ ପ୍ରଧାନଶିକ୍ଷକ ଭବାନୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ଥାନୀୟ ସରପଞ୍ଚ ଶ୍ରୀମସିଆ ପାଠ ପଢିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶିବାନୀ ସାମନ୍ତରାୟ ଓ ମଞ୍ଚ ପରିଚାଳନା କରିଥିଲେ।

### ବନ୍ଦ ଯୋଗୁ ଅଫିସକୁ ଚାଲି ଚାଲି ଗଲେ ସିଡିଓ

**କୋରାପୁଟ,୨୮।୧(ଅମିତାଭ ବେହେରା)**

ନବନିର୍ମାଣ କୃଷକ ସଂଘର ବନ୍ଦ ଡାକରାର ପ୍ରଭାବ ଯୋଗୁ ଗାଡି ମୋଟର ବନ୍ଦ ଥିବାରୁ କୋରାପୁଟ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ଅଫିସକୁ ଅଧ କି.ମି. ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଛି। ଅଫିସ ଗାଡିକୁ ଆନ୍ଦୋଳନକାରୀ ଛାଡ଼ି ନ ଥିବାରୁ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଚାଲି ଚାଲି ଯାଇଥିଲେ। ଚାଲିକି ଯିବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରୁହେ। ଆମକୁ ଚାଲିବାକୁ ସମୟ ମିଳି ନ ଥିବାରୁ ଚାଲିବା ଦେହ ପକ୍ଷେ ଭଲ ବୋଲି କହିଥିଲେ।

### ନିଖୋଜ ଛାତ୍ର ସୁନେବେଡାରେ ଠାବ

**ଜୟପୁର,୨୮।୧(ପବନ ପାଣିଗ୍ରାହୀ)**

ଜୟପୁର ବ୍ଲକ ଅଧୀନ ବାଲିଆ ଆଶ୍ରମ ବିଦ୍ୟାଳୟର ନିଖୋଜ ହୋଇଥିବା ୨ ଛାତ୍ରଙ୍କୁ ବୁଧବାର ସୁନେବେଡା ପୋଲିସ ଠାବ କରିଛି। ବିଦ୍ୟାଳୟ ପକ୍ଷରୁ ୧୩ ବର୍ଷର ୨ ଛାତ୍ର ଆଶ୍ରମ ବିଦ୍ୟାଳୟରୁ ନିଖୋଜ ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଉଭୟଙ୍କ ଫୋଟକୁ ସମସ୍ତ ଥାନାକୁ ପଠାଇଥିଲେ।

# ମାଲକାନଗିରିରେ ନବନିର୍ମାଣ କୃଷକ ସଙ୍ଗଠନ ବନ୍ଦର ପ୍ରଭାବ

**ମାଲକାନଗିରି/କାଲିମେଳା,୨୮।୧ (ଦୁର୍ଯ୍ୟୋଧନ ପାତ୍ର/ଜୀବନକୃଷ୍ଣ ଦାସ)**



ମାଲକାନଗିରିରେ କଂଗ୍ରେସ ପକ୍ଷରୁ ବିରୋଧ କରାଯାଉଛି।

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ୩ ଦଫା ଦାବି ନେଇ ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ମାଲକାନଗିରି ଜିଲାରେ ବୁଧବାର ଦେଖିବାକୁ ମିଳିଛି। ଏହି ବନ୍ଦକୁ ଜିଲା କଂଗ୍ରେସ କମିଟି ସମର୍ଥନ କରିଛି। ଏକମାସ ହେବ ଧାନମଣ୍ଡି ଆରମ୍ଭ ସତ୍ତ୍ୱେ ଧାନ ମଣ୍ଡିରେ ପଡିରହିଛି, ଏହାକୁ କିଣା ଯାଉନାହିଁ, ଟୋକନ ମଧ ଠିକ୍ ସମୟରେ ମିଳୁନାହିଁ, ପ୍ରଦୂଷଣ ପାଇଁ ସରକାର ସାଧାରଣ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଆଦାୟ କରୁଛନ୍ତି। ଟାଟା କମ୍ପାନୀ ସ୍ମାର୍ଟ ମିଟର ଲଗାଇ ଲୋକଙ୍କଠାରୁ ଟଙ୍କା ଆଦାୟ କରାଯାଉଥିବା ଆଦି ବିଭିନ୍ନ ଅଭିଯୋଗକୁ ନେଇ ବିରୋଧ ପ୍ରଦର୍ଶନ କରାଯାଇଛି। ଏହି ୩ ଦାବି ସରକାର ମାନି ନିଅନ୍ତୁ ବୋଲି ସ୍ଲୋଗାନ ଦିଆଯାଇଛି। ବନ୍ଦ ଯୋଗୁ ମାଲକାନଗିରିରେ ସମସ୍ତ ଯାନବାହନ, ବିଦ୍ୟାଳୟ, କାର୍ଯ୍ୟାଳୟ, ଦୋକାନ ବଜାର ବନ୍ଦ ଥିବା ଦେଖିବାକୁ ମିଳିଛି। ଯାନବାହାନ ବନ୍ଦ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ନବନିର୍ମାଣ କୃଷକ ସଙ୍ଗଠନ ସଭାପତି ଏରା ପଡିଆମି, ଦଶରଥ ଡୁରୁକା, ସୋମା ମାଡକାମି ଓ ସଙ୍ଗଠନର ସମସ୍ତ କର୍ମୀ ଉପସ୍ଥିତ ଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଜି. ଶ୍ରୀନିବାସ ରାଓ, ପ୍ରଭାକର ପାଳ, ଛବି ଦାସ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳ, କଂଗ୍ରେସ କର୍ମୀ ଓ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ସେହିପରି କାଲିମେଳା ବ୍ଲକ ଅଞ୍ଚଳରେ ବନ୍ଦ ଯୋଗୁ କାଲିମେଳା ସଦରରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବୁଧବାର ସକାଳ ୬ଟାରୁ ୨ଟା ଯାଏ କୃଷକ ସଙ୍ଗଠନ ଓ କଂଗ୍ରେସ କର୍ମୀମାନେ କାଲିମେଳା ୩୨୬ ନଂ ଜାତୀୟ ରାଜପଥ ମୁଖ୍ୟ ଛକରେ ବ୍ୟାରିକେଟ ବାନ୍ଧି ରାସ୍ତା ଅବରୋଧ କରିଥିଲେ। କାଲିମେଳାରେ ସମସ୍ତ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କାଲିମେଳା କଂଗ୍ରେସ ନେତା ମାଲା ମାଢ଼ି, କୃଷକ ନେତା ବୁଦ୍ରା କବାସି ଓ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ। ବନ୍ଦ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

